# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

ପତ୍ର ସଂଖ୍ୟା 2097 /Aln. (Alienation) Case No. 01/2026

ତା- 02.06.2026

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ବାରା ରାମଗିରି ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଯାଯାଉଅଛି ଯେ, ରାମଗିରି ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ଶ୍ରମ ବିଭାଗ ସପକ୍ଷରେ ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । ମାନ୍ୟବର ଜିଲ୍ଲାପାଳ,ଗଞ୍ଜାମ ଙ୍କ ଆଦେଶ ମୁତାବକ ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ସର୍ବସାଧାରଣ ଓ କିସମ ରାସ୍ତା ଅଟେ । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ଶ୍ରମ ବିଭାଗ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ଓ କିସମ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଅଛି ।

ଏଣୁ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାରଙ୍କ ଶ୍ରମ ବିଭାଗ ସପକ୍ଷରେ ବନ୍ଦୋବସ୍ତ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ଅର୍ଥାତ ତା- 17.06.2026 ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ (କୋଡିଏ) ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ।

**ତଫସିଲ ଭୁକ୍ତ ଜମିର ବିବରଣୀ**

| ମୌଜା | ଖାତା ନଂ | ପ୍ଲଟ ନଂ | ପୁରା ରକବା (H) | ଆବଶ୍ୟକ ରକବା (H) | କିସମ |
|---|---|---|---|---|---|
| ରାମଗିରି | 297(S.S) | 590 | 0.200 | 0.200 | ରାସ୍ତା |
| | | 591 | 0.155 | 0.155 | |

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା- 2098/୨୦୨୬ ତା- 02.06.2026

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ବିହିତ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା- 2098(1)/୨୦୨୬ ତା- 02.06.2026

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ୱ ନିରୀକ୍ଷକ, ଶେରଗଡ କର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଂ ନାଜିରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ଶେରଗଡ ଗ୍ରା. ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ